ସତ୍‌ସଙ୍ଗ କରୁଛ ମୁଁ କହୁ ଏହୁ କଥା
ଏହୁ ସେ ପରମ ଲଭ୍ ଅଟଇ ସର୍ବଥା ।
ତୁହି ତ ସକଳ ଧର୍ମ ଜାଣୁ ମହାବଳ
ବୁଝି ମୋର ଜାଣିଲ୍ଲକୁ ପୁଛିଲୁ ସକଳ ।
ବଉଳା ବଚନେ ବ୍ୟାଘ୍ର କହୁଅଛି ପୁଣ
ତୁ ସତ୍ୟବାଦିନୀ ! ମୋର ପୂର୍ବ କଥା ଶୁଣ ।
ପୂର୍ବେ ଶାପ ଦେବତାଏ ଦେଲେ ମୋତେ କୋପେ
ମର୍ତ୍ତ୍ୟମଣ୍ଡଳରେ ରହ ବନପଶୁ ରୂପେ ।
ତାହାଙ୍କର ଶାପେ ମୋର ଜ୍ଞାନ ଗଲା ନାଶ
ଘୋର ଜନ୍ତୁ ବଧରେ ମୁଁ ହୋଇଲି ପ୍ରବେଶ ।୪୧୦।
ସାଧୁସଙ୍ଗ ଉପଦେଶ ପାଇଲି ତୋହୋର
ପୂର୍ବଜ୍ଞାନ ସ୍ମରଣ ହୋଇଲା ମୋହୋର ।
ଶାପରୁ ମୁକତ ହୋଇ ଆଜ ଅପ୍ରମାଦେ
ପବନ୍ଧ ହୋଇଲି ଧେନୁ ତୋହୋର ପ୍ରସାଦେ ।
ଯାଅ ତୁ ବଉଳା ତୋଷ ହୋଇଲି ଗୋ ତୋତେ
ଆନନ୍ଦେ ଗୋଷ୍ଠରେ ରହ ନନ୍ଦନ ସହିତେ ।
ତୁ ଯେ ସତ୍ୟେ ବଉଳା ଅଚଳକଲୁ ମତି
ପ୍ରାପତ ହୋଇବ ତୋତେ ଯେଉଁ ଶୁଭଗତି ।
ଯୋଗ ଆଂଶ୍ରେ କରି ସେ ବସିଲା ମୃଗପତି
ପରମ ବ୍ରହ୍ମରେ ନେଇ ଖଟାଇଲା ମତି ।୪୧୫।
ପ୍ରାଣତ୍ୟାଗ ଧାରଣେ ବସିଲା ମହାବଳୀ
ଦେହତ୍ୟାଗ କରି ସେ ସ୍ୱର୍ଗକୁ ଗଲା ଚଳି ।
ଶୁଦ୍ଧ ଆତ୍ମା ହୋଇଲା ପାପରୁ ମୁକ୍ତ ହୋଇ
ଆନନ୍ଦ ହୋଇଲା ବଡ଼ ଐଶ୍ୱର୍ଯ୍ୟ ପାଇ ।
ମହାବିମାନରେ ଯାଇଁ ବସିଲା ଆପଣ
ବେଢି ସେବା କରୁଛନ୍ତି ଆପସ୍ସରଗଣ ।

ପୁଣି କୃଷ୍ଣପଣେ ଗୋ ବରାହରୂପ ଧରି
ଅଷ୍ଟ୍ର୍ୟାଏ ହୋଇଲା ଅଗାଧ ସିନ୍ଧୁବାରି ।
ହିରଣ୍ୟାକ୍ଷ ଦାଇତକୁ ପ୍ରାଣେ ନାଶ କରି
ଦନ୍ତମୂନେ ଧଇଲେ ଅଖିଳ ବସୁନ୍ଧରୀ ।
ତହୁଁ ପୁଣ ଧଇଲା ଗୋ ନରସିଂହ-କାଏ
ନାଗଲୋକ କର୍ମିଲେ କମନ୍ତ ଦେବତାଏ ।
* ପ୍ରଳୟ୍ଣୁ ଦାଇତ ଥିଲା କଶ୍ୟପ କୁମାର
ତିଭୁବନେ ସମାନ ଗୋ ନାହିଁ ବଳଆର ।
ବଜ୍ରଧର କୁବେର ବରୁଣ ଯମ ସ୍ୱାଏ
ଚନ୍ଦ୍ର ସୂର୍ଯ୍ୟ ପବନ ଅନେକ କଲେ ଭଏ । ୧୫ ।
ଛାଡିଲେ ଯେ ଯାହା ସ୍ଥାନ ଲୁଚିଲେ କାଏ
ମର୍ତ୍ତ୍ୟପୁରେ ଭ୍ରମିଲେ ସାମାନ୍ୟ ଜନ ପ୍ରାଏ ।
ପ୍ରହଲ୍ଲାଦ ହୋଇଲା ଗୋ ତାହାର ନନ୍ଦନ
ଦିବାନିଶି କଲା ହରି-ଚରଣେ ବନ୍ଦନ ।
ହରି-ସେବା ନିଷେଧ ଗୋ ପିତା ତାର କଲା
ବଚନ ଭଙ୍ଗନ୍ତେ ଗୋ ବହୁତ ଶାସ୍ତି ଦେଲା ।
ତଥାପି ନ ପାଶୋରିଲା ଶ୍ରୀକୃଷ୍ଣର ନାମ
ନିରନ୍ତରେ ହରିଙ୍କି ଭଜିଲା ଅବଶ୍ରାମ ।
ପରମ ଭଗତ ଗୋ ଅଟଇ ପ୍ରହଲ୍ଲାଦ
କୃଷ୍ଣ ଗୁଣି ଅନ୍ୟ ବାଣୀ ନ ଲାଗଇ ସ୍ୱାଦ । ୨୦ ।
ଭୃତ୍ୟ ଅପମାନ ସେ ଗୋ ନ ପାରିଲା ସହି
ସ୍ତମ୍ଭରୁ ବାହାର ଗୋ ନୃସିଂହରୂପ ହୋଇ ।
ଆସ୍ଥାନ ଉପରେ ଗୋ ଦାଇତ ଥିଲା ବସି
ନୃସିଂହ ବଜ୍ରମ୍ଭେ ଗୋ ଆଗରେ ତାର ଆସି ।

---

* ପ୍ରଳୟ୍ଣୁ—ପ୍ରବଳ

ହସ୍ତୀ ଅଶ୍ୱ ରଥ ଏ ଭଣ୍ଡାର ପରିବାରି
ମଣି ରତ୍ନ କନ୍ୟାରତ୍ନ ଯେ ତୋର ବିସ୍ତର ।
ତୋର ପରି ସତ୍ପାତ୍ର କାହିଁ ମୁଁ ପାଇବି
ତୁ ଯାହା ମାଗିବୁ ବିପ୍ର ନାହିଁ ନ କରିବି ।
ଭୃଗୁସୁତ କହନ୍ତି ତୁ ଶୁଣ ବଳି ରାଏ
ଦେବକାର୍ଯ୍ୟେ ବାସୁଦେବ କରନ୍ତି ଛଳଏ । ୫୦ ।
ବିଶ୍ୱାସ ନ ଯାଅ ରାଜା ବାମନ ବ୍ରାହ୍ମଣ
ବଚନ ହାରିଲେ ତୁ ହାରିବୁ ବଡ଼ପଣ ।
ମାୟାଧର ମାୟା ତୁ ହୋ ନ ପାରିବୁ ଜାଣି
ଦାନ ଘେନି ସମ୍ପଦ ହରିବ ଏହି କ୍ଷଣି ।
କହନ୍ତି ରାଜନ ବଳି ଶୁଣ ମହାଗୁରୁ
ନାରାୟଣ ଜାଣି ତୁ ନିଷେଧ କିମ୍ପା କରୁ ?
ଯଜ୍ଞ ଦାନ କରି ଯାର ସନ୍ତୋଷ ନିମନ୍ତେ
ମହାଲାଭ ଜାଣି ଯୋଗୀ ଧରିଛନ୍ତି ଚିତ୍ତେ ।
ସେ ହରି ଘେନିବ ଗୁରୁ ମୋର ଠହୁଁ ଦାନ
ସତେ କି ହୋଇବ ମୋର ଏଡ଼େ ବଡ଼ ପୁଣ୍ୟ । ୫୫ ।
ମନ୍ତ୍ରୀର ବଚନ ରାଜା ଅନାଦର କରି
ଶଙ୍ଖରେ ପୂରାଇଲା ପବନ ଗଙ୍ଗାବାରି ।
ସତ୍ୟ କରାଇଲା ତାକୁ ସଙ୍କଳ୍ପ କରାଇ
ତିନିପାଦ ଭୂମି ଦାନ ମାଗିବାର ପାଇଁ ।
ଛନ୍ଦ ନ ଜାଣିଲା ଗୋ ବଚନ ବଳି ଦେଲା
ତିନିପାଦ ମାଗି ତ୍ରିଭୁବନ ତାର ନେଲା ।
ଚରଣ ଲଗାଏ ବଳି ପାତାଳକୁ ଗଲା
ସହସ୍ରଲୋଚନକୁ ଗୋ ସ୍ୱର୍ଗ ଭୋଗ ଦେଲା ।
ଦଣ୍ଡିଅଛି ବଳି କି ଗୋ ମଣ୍ଡିବଇ ସେହି
ଚରଣ ଛୁଇଁଲା ବଳି ଧନ୍ୟ ତାର ଦେହି । ୬୦ ।

ଏକର ଅଗରେ ସଖୀ ଆରେକ କହିଲା
କଇକେୟୀ ଚରିତ ଗୋ ବଡ଼ିତ ହୋଇଲା ।
ଭରତ ହୋଇବ ରଜା ଶୁଭିଲା ଭୁବନେ
ଚଉଦ ବରଷ ରାମ ନିବେଶିଲେ ବନେ ।
ଶୁଣି ପୁର ନରନାରୀ ନାନା ଦେଶାନ୍ତରୀ
ସବୁଙ୍କର ଲୋଚନୁଁ ବହଇ ଶୋକବାରି ।
ବୋଲନ୍ତି ଏ କଇକେୟୀ ଧିକ ତା ଜୀବନ
ସୁକୁମାର ରାମକୁ ପେଷିଲା ଘୋରବନ ।
ଜ୍ଞାନବନ୍ତ ରଜା ତ ସ୍ତ୍ରୀଙ୍କ ବଶ ଗଲା
ନ ବିଚାରି ମହାରାଜା ଏତେ କୃତ୍ୟ କଲା ।
ପିତା ଆଜ୍ଞା ଅଲଙ୍ଘିତ ବନେ କଲା ବାସ
ଧରିଲା ଜଟା ବଳକଳ ଫଳମୂଳ ଗ୍ରାସ ।
ପିତା ଆଜ୍ଞା ଘେନିଣ ସେ କଷଣ ସହିଲା
ଗଙ୍ଗା ପାରିହୋଇ ଚିତ୍ରକୂଟରେ ରହିଲା ।
ସୀତା ଲକ୍ଷ୍ମଣଙ୍କୁ ସଙ୍ଗେ ଘେନି ରଘୁବୀର
ହରଷେ ରହିଲେ ଗୋ ନିବାଡ଼ି ପତ୍ରଘର ।
ଭରତ ଶତ୍ରୁଘ୍ନ ଗୋ ମାତୁଳ ଘରେ ଥିଲେ
ତାହାଁଙ୍କ ବଶିଷ୍ଠ ମୁନି ଦୂତ ବରଗିଲେ ।
ବେନି ଭାଇ ଅଣାଇଲେ ଅଯୋଧ୍ୟାପୁରକୁ
ସକଳ ଚରିତ ମୁନି କହିଲେ ତାହାଙ୍କୁ ।
ଶୁଣି ଘୋର କଷଣ ପାଇଲେ ଭାଇ ବେନି
ବୋଇଲେ କି କର୍ମ କଲେ ଆମ୍ଭର ଜନନୀ ।
ବହୁତ ପ୍ରକାରେ ଗୋ ମାତାଙ୍କୁ ନିନ୍ଦାକଲେ
ମନ୍ଥରାକି ବିବିଧ ପ୍ରକାରେ ଶାସ୍ତି ଦେଲେ ।
ଏଥୁ ଅନନ୍ତରେ ଗୋ ବଶିଷ୍ଠ ମୁନିବରେ
ପିତୃକାର୍ଯ୍ୟ କରାଇଲେ ଭରତ ହସ୍ତରେ ।

ଆମ୍ଭଙ୍କୁ ନାଶିବ ସେ ଭୁଞ୍ଜିବ ରାଜଶିରୀ
ବୋଇଲୁ ଭରତ ଅବା ଆସୁଛ ବସ୍ତୁର ।
ଅକଳଙ୍କ ଶରୀର ଭରତ ଧର୍ମବୁଦ୍ଧି
ଆସୁଛି ନେବାର ପାଇଁ ଆମ୍ଭଙ୍କୁ ପ୍ରବୋଧି ।
ରାଜ୍ୟକୁ ତ ନ ଯିବ ପାଳିବ ପିତାସତ୍ୟ
ମୋର ବନ୍ଧୁ ତାହାର ଦୁଃଖିତ ଅଛି ଚିତ୍ତ ।
ତୋତେ ଯେବେ ବଡ଼ ହୋ ଦିଶିଲା ରାଜ୍ୟଶିରୀ
ରାଜ୍ୟ ତୋତେ ଦେବଇଁ ଭରତକୁ ମାଗିକରି । ୨୦୫ ।
ଶୁଣି ହେଠମାଥ ହୋଇ ସୁମିତ୍ରା ନନ୍ଦନ
ଆମ୍ଭାକୁ ନିନ୍ଦିଲା କଲା ମଳିନ ବଦନ ।
ଏଥୁ ଅନନ୍ତରେ ସଙ୍ଗେ ଭ୍ରାତ ଶତ୍ରୁଘନ
ଯେତେ ଦୁରୁଁ ଦିଶିଲା ଗୋ ଶ୍ରୀରାମ ବଦନ ।
ରଥୁ ଓହ୍ଲାଇଲେ ବେନି ଭାଇ ଶସ୍ତ୍ର ଛାଡ଼ି
ଦଣ୍ଡବତେ ଶୋଇଲେ କ୍ଷିତିରେ ମୁଣ୍ଡ ମାଡ଼ି
ପୁଣି ପୁଣି ଭରତ ଗୁଅନ୍ତି ଦଣ୍ଡମତେ
ଭାଇକେୟୀ ଚରିତ ସ୍ମରନ୍ତି ଦୁଃଖ ଚିତ୍ତେ ।
ପିତା ହତ ହୋଇଲେ ଅଇଲେ ରାମ ବନ
କି ନିମନ୍ତେ ରହିଅଛି ଆମ୍ଭର ଜୀବନ । ୨୧୦ ।
ସ୍ତବଇ ଲୋତକଧାରା ବେନି ଭାଇଙ୍କର
ଚରଣେ ଲମ୍ବିଲେ ଶିର ଦେଇ ଶ୍ରୀ ପଯୂର ।
ଆଜାନୁଲମ୍ବିତ ବେନି ବାହୁ ରାମ ଦେଖି
ତୋଳି ବେନି ବାହୁରେ ବସାଇଲେ ଦୁହିଁଙ୍କି ।
ଭ୍ରାତ ମୁଖ ଚାହିଁ ରାମ ପୁଛନ୍ତି ଉତ୍ତର
କହ ବାବୁ କୁଶଳ ସମସ୍ତ ରାଜାଙ୍କର ।
ଆଜ୍ଞା ପାଇ ଉଠିଲେ ଭରତ ଶତ୍ରୁଘନ
ଆଗରେ ହୋଇଲେ ଉଭା ଲୋତକଲୋଚନ ।

ନିଶିର ଖରଦୂଷଣ ସୈନ୍ୟ ଘେନି ସଙ୍ଗେ
ଧନୁ ଟଙ୍କାରଣ ସେ ଧାଇଁଲେ ରଣରଙ୍ଗେ ।
ବାଦ୍ୟନାଦ ମୁଖରବ ଶୁଣି ରଘୁବୀର
ବୋଇଲେ "ଲକ୍ଷ୍ମଣ ଶୁଣ ସୁମିତ୍ରା କୁମର ।
ସୀତାଙ୍କୁ ଘେନି ରହୁଥାଅ ଗିରିତଟେ
ଦେଖଇଁ କେ ଆସୁଅଛୁ ମୋହର ନିକଟେ" । ୯୦ ।
ବଜ୍ରନ କବଚ ଗୋ ଶ୍ରୀରାମ ଅଙ୍ଗେ ଦେଲେ
ଖଡ୍ଗ ଅକ୍ଷୟତୂଣ କଟିରେ ବାନ୍ଧିଲେ ।
ଧନୁରେ ଚଢାଇ ଗୁଣ ଘେନି ତୀକ୍ଷ(କ୍ଷ୍ଣ)ଶର
ପର୍ଣ୍ଣକୁଟୀ ଭିତରୁ ଗୋ ହୋଇଲେ ବାହାର ।
ପ୍ରଭାତ ସମୟେ ସଖି ଯେହ୍ନେ ଦିବାକର
ତିମିର (ର) ନାଶିବା ପାଇଁ ହୋଇଲେ ବାହାର ।
ଅସୁରଙ୍କ ଆଗରେ କି ଜୟେ ରାମରାୟେ
ରହିଲେ ଅଚଳ ହୋଇ ମେରୁଶୃଙ୍ଗ ପ୍ରାୟେ ।
ରାମ ତହୁଁ ପଡିଲେ ଗୋ ସବୁଙ୍କର ଦୃଷ୍ଟି
ଧାଇଁଣ ରାକ୍ଷସବଳ କଲେ ଶରବୃଷ୍ଟି । ୯୫ ।
ଶରଜାଳେ ନ ଦିଶଇ ଶ୍ରୀରାମର କାୟେ
ଦେଖି ସୁରଗଣ ଗୋ ଆକାଶେ କଲେ ଭୟେ ।
ରାମ ଶରେ ସକଳ ଶହସ୍ତ୍ର (ଶସ୍ତ୍ର) ମାନ କାଟି
ରାକ୍ଷସ-ସୈନ୍ୟରେ ରାମ କଲେ ଶରବୃଷ୍ଟି ।
ନିରନ୍ତେ ଧନୁରୁ ବାହାରିଲା ଶରଧାର
ଗଜଅଶ୍ୱ ରଥୀଙ୍କର ସ୍ରବିଲା ରୁଧିର ।
ଛିଡିଲା କରଚରଣ ଶିର କଟି କନ୍ଧ
ଶତଶତ ହୋଇ ତହୁଁ ଉଠିଲା କବନ୍ଧ ।
ପୁଣି ପୁଣି ଭ୍ରମନ୍ତି ଧାମନ୍ତି ପୁଣ ପୁଣି
ରାମଙ୍କୁ ନାରାଚ ଗୋ ପେଶନ୍ତି ଧନୁ ଟାଣି । ୧୦୦ ।

ଯାଅ ହୋ ମାରୀଚ ଘେନ ମୋହୋର ବଚନ
କନକର ମୃଗ ରୂପେ ଦିଅ ଦରଶନ ।
ମାରୀଚ ବୋଇଲା ତୋର ଖାଉଅଛି ଅନ୍ନ
ନ ଭଞ୍ଜିବି ସର୍ବଥା ମୁଁ ତୋହୋର ବଚନ ।
ମୋହୋର ବଚନ ତୁ ରାବଣ ଥାଅ ଘେନ
ବୁଡିଲା ପ୍ରଳୟ ଜଳେ ଲଙ୍କାର ମେଦିନୀ ।
ମନ୍ଦୋଦରୀ ସୁନ୍ଦରୀ ତୋହର ନିଜ ନାରୀ
ସୁରନାରୀ ନାଗନାରୀ ସର୍ବ ଅପକ୍ଷ (ସ) ରୀ ।
ରହିମସ୍ତୁ ପାରେରୀ ସମୁଦ୍ର ଯାର ଖଣା ।୧୬୦।
କୁପଥେ ନ ଚାଲ ତୁ ସର୍ବଥା ନୁହ ବଣା ।
ମୋହୋର ବଚନ ଏ ପରମ ହିତ ଜାଣ
ଛାଡ ତୁ କୁବୁଦ୍ଧି ଲଙ୍କା ଯାଅ ତୁ ରାବଣ ।
ମାରୀଚ ବଚନ ଶୁଣି କୋପିଲା ରାବଣ
ମୋହୋର ବଚନ ଭଞ୍ଜି କହୁ ପୁଣ ପୁଣ ।
ଯାଅ ବେଗେ କନକ ମୃଗ ସ୍ୱରୂପ ହୋଇ
ଆଶ୍ରମ ଛାଡି ଆସିବ ମାରିବାର ପାଇଁ ।
କେବେ ଜାବେ କାର୍ଯ୍ୟ ହୋଇ ଜାଣୁ ତୁ ସକଳ
ବିବଧ ଉପାୟ ତୁ କରିବୁ ମହାବଳ ।
ମାରୀଚ ବୋଲଇ ଯେତେ କହୁଛୁ ବିସ୍ତର
ପାତିଲୁ ଫଳର ପ୍ରାୟ ହୋଇଲୁ ତୋ ଶିରୀ ।୧୬୫।
ମୃଗ ରୂପ ଧରିଣ ମାରୀଚ ଗଲା ଚଳି
ରାମ ସୀତା ଲକ୍ଷ୍ମଣ ଆଗରେ ଯାଇଁ ମିଳି ।
ରୁପାର ହୋଇଛି ପେଟ କନକର ପିଠି
ବ୍ରହ୍ମଜାତି ହୀରାରେ ହୋଇଛି ଠୋପି ଠୋପି ।
ପୋହଳାରେ ନିର୍ମିତ ହୋଇଛି ଚାରି ଖୁର
ମର୍କତ ନିର୍ମିତ ଶୃଙ୍ଗ ଚକ୍ଷୁ ମାଣିକ୍ୟର ।

ଅଦୃଶ୍ୟ ହୋଇଲେ ହୃତ ଚନ୍ଦ୍ରମା ଉଦୟ
ଚନ୍ଦ୍ରମାକିରଣକୁ ନ କର ଦେବ ଭସ୍ମ ।
ଶ୍ରୀରାମ ବୋଇଲେ ବାବୁ ଶୁଣ ମୋର ବାଣୀ
ସର୍ବକାଳେ ଉଦୟ ହୁଅନ୍ତି ନିଶାମଣି ।
ଏ ଯେବେ ଚନ୍ଦ୍ରମା କିମ୍ପା ଦେଉଅଛି ତାପ
ଏତେ ବୋଲି ଶ୍ରୀଭୁଜେ ଧଇଲେ ଶରଚାପ ।
ଦେବଇଁ ତାପର ଫଳ କରିବଇଁ ଦଣ୍ଡ
ଛେଦିବି ଚନ୍ଦ୍ରମଣ୍ଡଳ କରି ଖଣ୍ଡ ଖଣ୍ଡ ।୩୦।
ଲକ୍ଷ୍ମଣ ବୋଲନ୍ତି ଦେବ କୋପ କର ଶାନ୍ତି
ଚିତ୍ତ ଭ୍ରମି ହେଉଅଛି ବିଚ୍ଛେଦେଁ ମହାସତୀ ।
ଶରଦ-ସମ୍ପୂର୍ଣ୍ଣ-ଚନ୍ଦ୍ରମୁଖୀ ଦେବୀ ସୀତା
ଜଗତର ଜନନୀ ଯେ ତୋହୋର ବନିତା ।
ନିକଟେ ସେ ନ ଥିଲାରୁ ବିଚ୍ଛେଦ-ଅନଳ
ସୀତୟା ବହୁନେ ଦେବ ଅମ୍ଭା ତୋ ବିକଳ ।
ଶ୍ରୀରାମ ବୋଲନ୍ତି ଯାହା କହୁ ବଚନରେ
ସୀତୟା କିପାଇଁ ମୋର ନାହିଁ ନିକଟରେ ।
ଲକ୍ଷ୍ମଣ ବୋଲଇଁ ଅମ୍ଭେ ଗୃହେ ନ ଥିଲୁଇଁ
ସୀତୟାଙ୍କୁ କେହୁ ହରିନେଲେ ବନସ୍ତଇଁ ।୩୫।
ଲକ୍ଷ୍ମଣର ବଚନ ସେ ରାମଚନ୍ଦ୍ର ଶୁଣି
ସୀତା ସୀତା ବୋଲି ରାମ ଶୋଇଲେ ଧରଣୀ ।
ଧନୁଶର ପକାଇଲେ ସୁମିତ୍ରାକୁମର
କୋଳକରି ଶ୍ରୀରାମକୁ ଧଇଲେ କୋଡର ।
ଧଇର୍ଯ୍ୟ ହୋଇବା ସ୍ୱାମୀ ନୋହିବା ଦୁଃଖିତ
ଉଦଯୋଗ କରିବା ହରଷ ହୁଅ ଚିତ୍ତ ।
କ୍ଷଣେ କ୍ଷଣେ ଚେତନା କ୍ଷଣକେ ଅଚେତନ
କ୍ଷଣେ କ୍ଷଣେ ସୀତା ସୀତା ବୋଲନ୍ତି ବଚନ ।

ବେଗେ ଯାଉ ହନୁମାନ ତୋର ଆଜ୍ଞା ଘେନି
ବୁଝି କରି ଆସୁ ସେ ଯେ ମହାବୀର ବେନି ।
ଜାଣି ତ ନ ପାରି ରଙ୍ଗା ଦଇବର ବଳ
ତାହାଙ୍କରେ ଲଭି ଅବା ଲଭିବା ସକଳ ।
ଜାମ୍ବବବଚନେ ସୁଗ୍ରୀବର କହେ ବାଣୀ
ଯାଅ ବାବୁ ହନୁମାନ ଆସ ସର୍ବ ଜାଣି ।
ଏଠାରେ ରହୁଲେ ନ ହୋଇବ ଯଦ୍ଧ ନାଶ
ଭଲ ମନ୍ଦ ଭୁଇ କଥା ବୁଝି କରି ଆସ ।୬୦।
ଆଜ୍ଞା ପାଇ ଉଠିଲା ସେ ପବନତନୟେ
ବେଳ ଘଣ୍ଟ ଲଗ୍ନଯୋଗ ବୁଝି ଶୁଭସୋୟେ ।
ଅଦ୍‌ଭୁତ ହୋଇ ଚଳୁ ହେଉଛୁ ହରଷ
ଶ୍ରୀରାମ ନିକଟେ ଯାଇଁ ହୋଇଲା ପବେଶ ।
ଦୂରନ୍ତୁଁ ଦେଖିଲା ରାମ ପ୍ରସନ୍ନବଦନ
ରୂପରେ ଶୋହଇ ସମ କୋଟିଏ ମଦନ ।
ଶ୍ୟାମଳ ସୁନ୍ଦର ରାମ ପଙ୍କଜନୟନ
ଶିରେ ଜଟାଭାର କଟି ବଲ୍କଲବସନ ।
ରକତ କୁମୁଦ କରଚରଣର କାନ୍ତି
ଗଣ୍ଡମୂଳେ ବଚନ କୁଣ୍ଡଳ ବରାଜନ୍ତି ।୬୫।
ହର ସଙ୍ଗେ ହର ପ୍ରାୟେ ଲକ୍ଷ୍ମଣ ଦିଶଇ
ବେନି ଶ୍ରୀଭୁଜରେ ଧନୁଶର ବରାଜଇ ।
ଦୂରନ୍ତୁଁ ଦେଖି ଜାଣିଲେ ପବନ ତନୟ
ନିରଞ୍ଜନ ପୁରୁଷ ହୋଇଲା ନରକାୟ ।
ନାହୁ ନାହୁ ବୋଲିଣ ତୋଳିଲା ବେନି କର
ଦଣ୍ଡବତେ ଶୋଇଲା କ୍ଷିତିରେ ମହାବୀର ।
ଲକ୍ଷ୍ମଣ ଜଣାଇ ଶୁଣ ଦେବ ରଘୁବୀର
ଦଣ୍ଡବତେ ଶୋଇଅଛି କେବଣ ବାନର ।

ଶ୍ରୀରାମ ବଚନ ଶୁଣି ସୁଗ୍ରୀବ ରାଜନ
ବୋଇଲା ତୋହୋର କାର୍ଯ୍ୟେ ମୋହୋର ଜୀବନ ।
ଯେଉଁଠାରେ ଥିବେ ସୀତା ଜନକକୁମାରୀ
ଦୂତ ପେଷି ସେ କଥା ବୁଝିବା ନିଶ୍ଚେ କରି ।
ଠାବ ନିଶ୍ଚେ କରି ମୁଁ କହିବି ତୋର ପାୟ
ଯାହା ଆଜ୍ଞା ଦେବୁ ତାହା କରିବି ଉପାୟ । ୧୯୫ ।
ଏକା ମନ ବଚନରେ ତୋର କାର୍ଯ୍ୟ ପାଇଁ
ପ୍ରାଣତ୍ୟାଗ ପର୍ଯ୍ୟନ୍ତେ କରିବି ଗୋସାଇଁ ।
ତୋତେ ତ ଅଶକ୍ୟ କଥା ନାହିଁ ଜଗତରେ
ମୋର ଭାଗ୍ୟ ଥିଲେ ସେବା କରିବି ଯତ୍ନରେ ।
ମୋହୋର ଭଣଜା ଯେବେ ହନୁମାନ ବୀର
ତୋହୋର ଆଜ୍ଞାକୁ ଖଟିଥିବ ନିରନ୍ତର ।
ଶୌର୍ଯ୍ୟବନ୍ତ ସୁବୁଦ୍ଧି ଜାଣନ୍ତି ଧର୍ମଗତି
ରାଜଢବା କରିଥିବ ଚରଣେ ଭକତି ।
ଜାମ୍ବବାନ ସୁଷେଣ ମୋହୋର ମନ୍ତ୍ରୀ ଦୁଇ
ଯଥାଶକ୍ତ ଥିବେ ସ୍ୱାମୀ ସେବା ସେ ଯୋଗାଇ । ୨୦୦ ।
ନଳ ନୀଳ ସହିତେ ଯେତେକ କପିବଳ
ଚରଣ ଆଶ୍ରୟ କରି ରହିଲେ ସକଳ ।
ଶ୍ରୀରାମ ବୋଲନ୍ତି ମିତ୍ର ଶୁଣ ତୁ ବଚନ
ଯାଅ ଋଷ୍ୟମୂକ ଯହିଁ କରିଛୁ ଭୁବନ ।
କାଲି ପ୍ରଭାତରେ ସୈନ୍ୟ ସାରି ନିତ୍ୟ କୃତ୍ୟ
ମୋହର ନିକଟେ ଆସି ହୋଇବ ପ୍ରାପତ ।
ଯତ ତୁ ବାନର ସୈନ୍ୟ ହୋଇଲୁ ମୋହୋର
ହୃଦୟ ସନ୍ତାପ କ୍ଷମା ରଖିବ ତୋହୋର ।
ଆଜ୍ଞା ପାଇ ଉଠିଲା ବାନର କୁଳମଣି
ଦଣ୍ଡବତେ କପିବୀର ଶୋଇଲା ଧରଣୀ । ୨୦୫ ।

ଦୁନ୍ଦୁଭି ଅସ୍ଥି ଚାଳିବା ତରୁଙ୍କ ଛେଦନ
ଦେଖି କରି ପତ୍ୟରନ୍ତି ସମସ୍ତ ବିଧାନ ।୪୬୫ ।
ପ୍ରବେଶ ହୋଇଲେ ଯାଇଁ କିଷ୍କିନ୍ଧା ନଗରେ
ବାଳିରାଜା ବିଜୟେ କରିଛି ଆସ୍ଥାନରେ ।
ରାଜଆସନରେ ବିଜେ କରିଛି ନୃପତି
ଚେତ ସେବା କରୁଛନ୍ତି ଅନେକ ଯୁବତୀ ।
ମଣିମୟ ମୁକୁଟ ଶୋଭଇ ମସ୍ତକରେ
ମାଲ ଚନ୍ଦନ ବିଲେପି ଅଛନ୍ତି ଶରୀରେ ।
ନାନାରତ୍ନ କୁଣ୍ଡଳ ଖଚିତ କର୍ଣ୍ଣମୂଳେ
ବିବିଧ କୁସୁମ ଖଞ୍ଜି ଅଛଇ କୁନ୍ତଳେ ।
ବିଚିତ୍ର ବସନ ପିନ୍ଧିଅଛି କଟି ଭାଗେ
ତାରା ତାଙ୍କୁ ତାମ୍ବୁଲ ଯୋଗାଇ ବସି ଲାଗେ ।୪୭୦ ।
ଧରି ବେନି ଚରଣ ବସିଛି ରୁମା ନାରୀ
କେହୁ ବଞ୍ଚେ ଆଲଟ ଚାମର କରେ ଧରି ।
ରତ୍ନମୟ ମନ୍ଦିର ସେ ମନ୍ଦ ମନ୍ଦ ଜାଣି
ସର୍ବଦା ବସଇ ତହିଁ କପିକୁଳମଣି ।
କପିରାଜା ବସିଛି କନକ ଆସନରେ
କହଇ ହରଷ କଥା ଅତି ହରଷରେ ।
ତାରାଙ୍କୁ ଧରଇ ସେହୁ ତାମ୍ବୁଲ ସହିତେ
ରୁମାକୁ ଚାହିଁ ପୁଣି ହରଷିତ ଚିତ୍ତେ ।
ଦେବାସୁର ଦାନବେ ସେ ଭୟ ନ କରଇ
ରତ୍ନମୟ ଭୁବନ ଭିତରେ ବିହରଇ ।୪୭୫ ।
ଏମନ୍ତ ସମୟେ ସେ ହୋଇଲେ ସର୍ବଚାରେ
ପରବେଶ ଯାଇଁ କପିରାଜା ସିଂହଦ୍ୱାରେ ।
ଦ୍ୱାରପାଳ କହିଲା ସେ ବୃଦ୍ଧ ନାରୀଠାରେ
ଋଷ୍ୟମୂକ ପର୍ବତୁ ଅଇଲେ ସର୍ବଚାରେ ।

ଆପଣାର ଦୁଃଖ ରାମ ସୁଗ୍ରୀବକୁ କହି
ବୋଇଲେ ଏ ବନେ ତୁ କମ୍ପାଇଁ ଅଛୁ ରହି ।
ଏହା ନାରୀ ହରଣ କହିଲା ସୁଗ୍ରୀବର
ବୋଇଲେ ସମାନ ଦୁଃଖ ତୋହୋର ମୋହୋର ।
ଶୁଣ ହେ ବାନର ମିତ୍ର ହୋଇଲୁ ମୋହୋର
ଶରଘାତେ ମାରିବି ମୁଁ ଶତ୍ରୁକୁ ତୋହୋର । ୪୮୦ ।
ରାଜ୍ୟନାରୀ ପ୍ରାପତ ମୁଁ କରିବି ତୋହୋରେ
ଏ କଥାକୁ ଭ୍ରାନ୍ତି ମିତ୍ର ନ କର ମନରେ ।
ସୁଗ୍ରୀବ ବୋଇଲା ଦେବ ତୋହୋର ନିମନ୍ତେ
ଜନକନନ୍ଦନୀ କି ମୁଁ ଖୋଜିବି ଜଗତେ ।
ଯେମନ୍ତ ପ୍ରାପତ ହେବ ଜନକନନ୍ଦନୀ
ଉପାୟ କରିବି ମୁଁ ବାନରବଳ ଘେନି ।
ଯାହା ଆମ୍ଭେ ଦେଖିଲୁ ଶୁଣିଲୁ ସେ ବନରେ
ସମସ୍ତ ଚରିତ ରାଜା କହିଲୁ ତୁମ୍ଭରେ ।
ଏ କଥାକୁ ଉପାୟ କରିବ ନିରନ୍ତରେ
ଇତର ଚରିତ ବୋଲି ନ ଧର ମନରେ । ୪୮୫ ।
ଶୁଣି କରି ଥକିତରେ ହୋଇଲା ମଉନ
ବୋଇଲା ଜାଣିବ କେବା ଦଇବ ବିଧାନ ।
ବେଣୁକାରମାନଙ୍କୁ ସେ କହଇ ଆପଣ
ବୋଇଲା ଡାକତେ ଥିବ ବେଣୁକାରଗଣ ।
ଆଜ୍ଞା ପାଇ ବେଣୁକାରେ ଧାଡକାରେ ଗଲେ
ଯେ ଯାହାର ଡାକତରେ ସମସ୍ତେ ରହିଲେ ।
ଏମନ୍ତେ ଡାକୁଆକୁ ରାଇଲା କପିସାଇଁ
ବୋଲଇ ହୋ ମନ୍ତ୍ରିଗଣ ବେଗେ ଆଣ ରାଇ ।
ଆଜ୍ଞା ପାଇ ଡାକୁଆଏ ତ୍ୱରିତରେ ଗଲେ
ମନ୍ତ୍ରିଗଣମାନଙ୍କୁ ସେ ଡାକିଣ ଆଣିଲେ । ୪୯୦ ।

ଋଷ୍ୟମୂକ ପାଶେ ଥିବେ ସର୍ବ ସୁରଗଣେ
ତହୁଁର ବାରତା କହୁଥିବେ କ୍ଷଣେ କ୍ଷଣେ ।
ଏ କଥାକୁ ନୃପତି ନୋହିବ ଅଚେତନ
ସର୍ବ କାର୍ଯ୍ୟ ସଂଯୋଗରେ ଦେଇଥିବା ମନ । ୫୦୫ ।
ସୁଗ୍ରୀବର ଚରିତ ତ ସମସ୍ତେ ହେ ଜାଣି
ସମ୍ମୁଖ ସଂଗ୍ରାମେ ସେ ତ ନ ପାରିବ ଜିଣି ।
ସୁଗ୍ରୀବର ପ୍ରବେଶ ହୋଇଲେ ସିଂହଦ୍ୱାରେ
ସଂଗ୍ରାମକୁ ଆସ ବୋଲି ଡ଼ାକିବ ତୁମ୍ଭରେ ।
ଅନୁମାନେ ଜାଣିବା ବିଚାରି ଏହୁ କଥା
ସେ ବଡ଼ ପିଠିଆ କରି ଆସିଛି ସର୍ବଥା ।
ଅନୁମାନେ ଜାଣିବା ଶୁଣି ତ ଅଛୁ କର୍ଣ୍ଣେ
ବାହାର ନୋହିବ ଥିବ ଉତ୍ତର ଭୁବନେ ।
ଏ କଥା ବିଚାରି ଦେବ ନୋହିବ ନାଚଳ
ଅନ୍ତଃପୁରେ ବିଜେ କରିଥିବ ମହାବଳ । ୫୧୦ ।
ତୁ ତ ରାଜେ ରାଜଧର୍ମ ଜାଣିଅଛୁ ସର୍ବ
ସମସ୍ତେ ବିଚାରି କରି କର କାର୍ଯ୍ୟ ଦେବ ।
ରହିବେ ପୁର ଆବୋରି ସକଳ ବାନରେ
କବାଟତେ ବାହାର ତୁ ନୋହିବୁ ସମରେ ।
ଆମ୍ଭଙ୍କୁ ଯଦି ବିନାଶି ପଶିବ ଭିତରେ
ତହୁଁ କି ଦେବ ଉଚିତ କରିବ ସମରେ ।
ଏମନ୍ତ ବିଚାରି ମନ୍ତ୍ରୀ ଯେ ଯାହାର ମତେ
ସଂଯୋଗ କରଣ ସୈନ୍ୟ ରହିଲେ ସମସ୍ତେ ।
ଏଥୁ ଅନନ୍ତରେ ରାମ ରାଜୀବ-ଲୋଚନ
ସୁଗ୍ରୀବକୁ ସୁହୁଁ ରାମ ବୋଲନ୍ତି ବଚନ । ୫୧୫ ।
ଚାଲ ହୋ ମଇଦ ଯିବା କିଷ୍କିନ୍ଧା ନଗର
ବାଳିର ସଙ୍ଗତେ ତୁମ୍ଭ ଦେଖିବା ସମର ।

ତାହୁ ର ସୀତାୟୀ କେହୁ ହରିନେଲା ଆସି,
ଆମ୍ଭେ କପି ଜାଣୁ ତୋର ସୀତା ଶୁଭକେଶୀ ।
ତାହାର ବଚନେ ଲଙ୍କାପୁରକୁ ଆଇଲୁ
ତା ନିମନ୍ତେ ମର୍କଟ ଅକ୍ଷୟ ନାଶକଲୁ ।
ଦଶଶିର ବଚନେ କହଇ ହନୁମାନ
ତାହୁଁ ତୁହି ଜାଣିବୁ ଠାକୁର ରଘୁନାନ ।
ତ୍ରିଶିରା ଖର ଦୂଷଣ ସେନାବଳ ମାରି
ସୂର୍ପଣଖା ଶ୍ରବଣ ନାସା ଛେଦନ କରି ।୧୬୯।
ଅଯୋଧ୍ୟା ଠାକୁର ସେ ଯେ ବୀର ରଘୁମଣି
ଚୋରିକରି ଆଣିଅଛୁ ତାହାଙ୍କ ଘରଣୀ ।
ସୀତାକୁ ଖୋଜନ୍ତେ ଋଷ୍ୟମୂକରେ ପ୍ରବେଶ
ସୁଗ୍ରୀବ ସଙ୍ଗେ ମଇତ୍ର ହୋଇଲେ ରଘୁଈଶ ।
ମିତ୍ରଛଳେ ବାଳିକି ନାରାଚେ ରାମ ମାରି
କିଷ୍କିନ୍ଧା ଭୁବନେ ତାକୁ ଦଣ୍ଡଧାରୀ କରି ।
ଏବେ ବସ୍ତୁରନ୍ତି ସେ କରିବେ ତୋତେ ନାଶ
ସୀତା ଦେଇ ଚରଣେ ଶରଣ ଯାଇଁ ପଶ ।
ହନୁମନ୍ତ ବଚନ ଶୁଣିଲା ଦଶଶିର
କୋପଭରେ କହିଲା କପିକି ବେଗେ ମାର ।୧୭୦।
ରାଜା ଆଜ୍ଞା ପାଇଣ ମାଇଲେ ମହାବଳୀ
ଛେଲି ଚକ ବାବଲକେ ମାରେ ଭୁଜ ତୋଳି ।
ନାନା ରୂପେ ମାରନ୍ତେ ନୋହିଲା ତାର କ୍ଷତି
ଠହି ଠହି ହସୁଅଛି ପବନର ବଛି ।
କୋପଭର କରି ହନୁ ରାବଣକୁ କହି
ଶ୍ରୀରାମ ପ୍ରସାଦେ ମୋତେ ଭୟଂଶିତ ନାହିଁ ।
ଆଜ୍ଞା ଯେବେ ଦେଇଥାନ୍ତେ ସୀତାୟୀର କାନ୍ତ
ମୁଣ୍ଡ ମୋଡ଼ି ଲଙ୍କାଯାକ କରନ୍ତି ଧୂମାନ୍ତ ।

